ଫିଫା ବିଶ୍ୱ କପ୍ : ଦ.କୋରିଆ ଓ ମେକ୍ସିକୋ ବିଜୟୀ

ମେକ୍ସିକୋ ସିଟି୧୨।୬ (ଏଜେନ୍ସି): ଚଳିତ ଫିଫା ଫୁଟବଲ ବିଶ୍ୱକପର ଉଦଘାଟନୀ ଦିବସରେ ବିଜୟୀ ହୋଇଛନ୍ତି ଦକ୍ଷିଣ କୋରିଆ ଓ ଅନ୍ୟତମ ବିଶ୍ୱକପ ଆୟୋଜକ ମେକ୍ସିକୋ। ଏସୀୟ ମହାଦେଶୀୟ ଦଳ ଦକ୍ଷିଣ କୋରିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍–ଏ'ର ଦ୍ୱିତୀୟ ମ୍ୟାଚରେ ଏହି କୋରିଆ ୨–୧ ଗୋଲରେ ଚେକ୍ ଗଣରାଜ୍ୟକୁ ପରାସ୍ତ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ଥିବା ବେଳେ ୫୯ତମ ମିନିଟବେଳେ ଚେକ୍ ଗଣରାଜ୍ୟ ଲାଡିସ୍ଲାଭ କ୍ରେସିଙ୍କ ଗୋଲ ବଳରେ ପ୍ରାରମ୍ଭିକ ଅଗଣୀ ନେଇଥିଲା। ମାତ୍ର ଏହାର ୮ ମିନିଟ୍ ପରେ କୋରିଆର ହ୍ୱାଙ୍ଗ ଇନ୍ ବିଓମ୍ ୬୭ ମିନିଟ୍ ବେଳେ ଏକ ମୂଲ୍ୟବାନ ଗୋଲ କରିବା ପରେ ଉଭୟ ଦଳର ସ୍ଥିତି ସ୍ଥିତି ବରାବର ହୋଇଥିଲା।

ତେବେ ୭୭ତମ ମିନିଟ ସମୟରେ ଚେକ ଗଣରାଜ୍ୟକୁ ମିଳିଥିବା ଫ୍ରି କିକ୍‌କୁ ଥୋମାସ ସେସେକ୍ ହେଡରେ କୋରିଆ ଗୋଲ ପୋଷ୍ଟ ଭିତରକୁ ପଠାଇ ଖୁସି ମନାଇଥିଲେ। ହେଲେ ରେଫରି ଏହାକୁ ଅଫସାଇଡ୍ କହିବାରୁ ଚେକର ଖୁସି ମଉଳି ଯାଇଥିଲା। ଏହାର ୩ ମିନିଟ୍ ପରେ କୋରିଆର ଓହ ହିଉଁ ଗ୍ୟୁ (୮୦ ମିନିଟ୍) ଗୋଲ ସ୍କୋର କରିବା ଫଳରେ କୋରିଆ ୨–୧ରେ ବିଜୟୀ ହୋଇଥିଲା। ସେହିପରି ଉଦଘାଟନୀ ଦିବସର ପ୍ରଥମ ମ୍ୟାଚରେ ମେକ୍ସିକୋ ୨–୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି।

ଫିଫା ବିଶ୍ୱ କପ୍ ଦଳକୁ ମିଳିବ ୪୭୬ କୋଟି ଟଙ୍କା

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ଚଳିତ ଫିଫା ଫୁଟବଲ ବିଶ୍ୱକପ ଆମେରିକା, କାନାଡା ଓ ମେକ୍ସିକୋରେ ଆରମ୍ଭ ହୋଇଯାଇଛି। ଏହି ମେଗା ଟୁର୍ଣ୍ଣାମେଂଟରେ ୪୮ ଟିମ ଅଂଶଗ୍ରହଣ କରୁଥିବା ବେଳେ ୧୬ଟି ଗ୍ରାଉଣ୍ଡରେ ମୋଟ ୧୦୪ ମ୍ୟାଚ ଖେଳାଯିବ।ଏଥର ପୁରସ୍କାର ରାଶି ବହୁମାତ୍ରାରେ ବୃଦ୍ଧି କରାଯାଇଛି । ଗତ ସଂସ୍କରଣ ତୁଳନାରେ ୫୦ ପ୍ରତିଶତ ବୃଦ୍ଧି ପାଇଛି । ଏଥର ବିଶ୍ୱକପରେ ୬୫୫ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ରାଶି ବାବଦକୁ ମିଳିବ। ଭାରତୀୟ ମୂଲ୍ୟରେ ଏହା ୬୨୪୧ କୋଟି ଟଙ୍କା । ଚାମ୍ପିୟନ ଟିମକୁ ୪୭୬ କୋଟି ଓ ରନର୍ସଅପ ଟିମକୁ ୩୧୪ କୋଟି ଟଙ୍କା ମିଳିବ। ଏପରିକି ୪୮ତମ ସ୍ଥାନରେ ରହିଥିବା ଟିମକୁ ୮୬ କୋଟି ଟଙ୍କା ମିଳିବ । କ୍ୱାଲିଫାଇ କରିଥିବା ସମସ୍ତ ଟିମକୁ ୧୦ ମିଲିୟନ ଆମେରିକୀୟ ଡଲାର ମିଳିବ । ଓଭରାଲ ଫିଫା ୮୨୯୯ କୋଟି ଟଙ୍କା ଖର୍ଚ୍ଚ କରିବ । ତୃତୀୟ ସ୍ଥାନରେ ରହିଥିବା ଟିମ ୨୭୬, ୪ର୍ଥ ସ୍ଥାନ ଟିମକୁ ୨୫୭ କୋଟି ଟଙ୍କା ମିଳିବ ।ସେହିପରି ୫ମରୁ ୧୦ମ ସ୍ଥାନ ମଧ୍ୟରେ ରହିଥିବା ଟିମକୁ ୧୮୧ କୋଟି, ୯ମରୁ ୧୬ ସ୍ଥାନ ଟିମକୁ ୧୪୩ କୋଟି, ୧୭ରୁ ୩୨ତମ ସ୍ଥାନରେ ରହିଥିବା ଟିମକୁ ୧୦୫ ଓ ୩୩ରୁ ୪୮ତମ ସ୍ଥାନ ମଧ୍ୟରେ ରହିଥିବା ଟିମକୁ ୮୬ କୋଟି ଟଙ୍କା ଦିଆଯିବ ।

ଅବସର ନେଲେ କେନ୍ ୱିଲିୟମସନ

ଅକଲାଣ୍ଡ,୧୨।୬(ଏଜେନ୍ସି): ନ୍ୟୁଜିଲାଣ୍ଡ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ବ୍ୟାଟର କେନ୍ ୱିଲିୟମସନ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ।ୱିଲିୟମସନ ୧୬ ବର୍ଷଧରି ନ୍ୟୁଜିଲାଣ୍ଡ କ୍ରିକେଟ ପାଇଁ ସେବା କରି ଆସୁଥିବା ବେଳେ ବିଭିନ୍ନ ଫର୍ମାଟରେ ୩୭୮ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସବୁଠାରୁ ଅଧିକ ୧୯୩୪୬ ରନ୍ କରିବା ରେକର୍ଡ ରହିଛି ।ଏଥିରେ ୪୮ଟି ଶତକ ରହିଛି। ସେ ୨୦୧୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିଲେ ।୧୯ ବର୍ଷରୁ କମ ବିଶ୍ୱକପ ଦଳରେ ଦମଦାର ପ୍ରଦର୍ଶନ ପରେ ନ୍ୟୁଜିଲାଣ୍ଡ ଦଳରେ ସୁଯୋଗ ପାଇଥିଲେ। ତାଙ୍କ ଅଧିନାୟକତ୍ୱରେ ନ୍ୟୁଜିଲାଣ୍ଡ ୨୦୧୯ ଦିନିକିଆ ବିଶ୍ୱକପରେ ଫାଇନାଲ ଖେଳିଥିଲା। ଟେଷ୍ଟ କ୍ରିକେଟରେ ୯୫୧୫ ରନ୍,ଦିନିକିଆରେ ୭୨୫୬ ରନ୍ ଓ ଟି–୨୦ରେ ୨୫୭୫ ରନ୍ କରିଥିଲେ। ଏହାସହ ୨୦୨୧ ମସିହାରେ ତାଙ୍କ ଅଧିନାୟକତ୍ୱରେ ନ୍ୟୁଜିଲାଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଜିତିଥିଲା ।

କେନ୍ ୱିଲିୟମସନ୍ କେବଳ ନିଜର ରେକର୍ଡସ ପାଇଁ ନୁହେଁ, ବରଂ ତାଙ୍କର ଉତ୍ତମ ବ୍ୟବହାର ଏବଂ ଖେଳାଳି ଭାବନା ପାଇଁ ମଧ୍ୟ କ୍ରିକେଟପ୍ରେମୀ ଏବଂ ପ୍ରଶଂସକଙ୍କ ହୃଦୟରେ ସବୁଦିନ ପାଇଁ ରହିବେ। ପଡ଼ିଆରେ ସେ କେବେ ରାଗିଲା ପରି ଦେଖା ଯାଆନ୍ତି, ମାତ୍ର ବିଜୟ କିମ୍ବା ପରାଜୟବେଳେ ତାଙ୍କ ମୁହଁରେ ସବୁବେଳେ ଶାନ୍ତି ଏବଂ ବିନମ୍ରତା ଦେଖାଯାଏ। ଏହି କାରଣରୁ ତାଙ୍କୁ ବିପକ୍ଷ ଦଳ ସମ୍ମାନ କରିଥାନ୍ତି। ନ୍ୟୁଜିଲାଣ୍ଡର ମୁଖ୍ୟ କୋଚ୍ ରବ ୱାଲ୍ଟର କହିଛନ୍ତି, କେନ୍ ୱିଲିୟମସନଙ୍କ ଭଳି ଖେଳାଳି ଏବଂ ମଣିଷ ବହୁତ କମ ଦେଖାଯାଆନ୍ତି।

ଶୁଟର୍ ଯଶପାଲ ରାଣାଙ୍କ ୪୯ ବର୍ଷ ବୟସରେ ଦେହାନ୍ତ

ନୂଆଦିଲ୍ଲୀ,୧୨।୬(ଏଜେନ୍ସି): ଭାରତୀୟ ସୁଟିଂ କିମ୍ବଦନ୍ତୀ ଏବଂ ପ୍ରସିଦ୍ଧ ପ୍ରଶିକ୍ଷକ ଯଶପାଲ ରାଣାଙ୍କର ଶୁକ୍ରବାର ୪୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଭାରତର ପିସ୍ତୁଲ ସୁଟରମାନଙ୍କ ପାଇଁ ଉଚ୍ଚ–ପ୍ରଦର୍ଶିତ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଥିବା ଜସପାଲ ରାଣା, ଜର୍ମାନୀର ମ୍ୟୁନିଚରେ ସୁଟିଂ ବିଶ୍ୱକପରୁ ଭାରତ ଫେରିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ଦିଲ୍ଲୀରେ ପହଞ୍ଚିବା ପରେ, ତାଙ୍କୁ ସାକେତର ମ୍ୟାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ତେବେ ଜୁନ୍ ୧୨ ତାରିଖରେ ତାଙ୍କର ପରଲୋକ ଖବର କ୍ରୀଡା ଜଗତରେ

ଶୋକର ଛାୟା ଖେଳାଇ ଦେଇଛି।

ଭାରତର ସବୁଠାରୁ ସମ୍ମାନିତ ପିସ୍ତୁଲ ସୁଟରମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଯଶପାଲ ରାଣା । ୧୯୯୦ ଦଶକରେ ଅନ୍ତର୍ଜାତୀୟ ସ୍ତରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସ୍ଥାପନ କରିଥିଲେ। ସେ ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସୀୟ ଚାମ୍ପିଅନସିପରେ ଅନେକ ପଦକ ଜିତି ଦେଶକୁ ଗୌରବ ଦେଇଥିଲେ। ଯେତେବେଳେ ଭାରତରେ ସୁଟିଂ ବିଶେଷ ଲୋକପ୍ରିୟ ନଥିଲା, ସେହି ସମୟରେ ଜସପାଲ ସେ ଉତ୍କୃଷ୍ଟ ପ୍ରଦର୍ଶନ ସହିତ ସୁଟିଂ ଜଗତରେ ନିଜକୁ ପ୍ରତିଷ୍ଠିତ କରିଥିଲେ। ତାଙ୍କର ଯାତ୍ରା ଏବଂ ଉଲ୍ଲେଖନୀୟ ସଫଳତା ଦେଶର ଯୁବ ପିଢ଼ିକୁ ଏହି କ୍ରୀଡ଼ାରେ କ୍ୟାରିଅର କରିବାକୁ ପ୍ରେରଣା ଦେଇଥିଲା।

ଅଷ୍ଟ୍ରେଲୀୟ ଓପନ୍ ସେମିରେ ପି ଭି ସିନ୍ଧୁ

ସିଡନୀ,୧୨।୬(ଏଜେନ୍ସି): ଅଲିମ୍ପିକ୍ସ ପଦକ ବିଜୟିନୀ ଭାରତୀୟ ମହିଳା ଖେଳାଳି ପିଭି ସିନ୍ଧୁ ଚଳିତ ଅଷ୍ଟ୍ରେଲୀୟ ଓପନ୍ ସୁପର ୫୦୦ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ବିଶ୍ୱର ପୂର୍ବତନ ଏକ ନମ୍ବର ତାରକା ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଚାଇନିଜ୍ ତାଇପେର ଚେନ୍ ୟୁ ୟୁଙ୍କୁ ୨୧–୬, ୨୧–୯ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌କୁ ତୃତୀୟ ମାନ୍ୟତା ପ୍ରାପ୍ତ ସିନ୍ଧୁ ମାତ୍ର ୨୭ ମିନିଟ୍ ସମୟ ନେଇ ଜିତିଥିଲେ। ସେମିଫାଇନାଲ୍‌ରେ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଜାପାନର ଅକାନେ ୟାମାଗୁଚିଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ବିଶ୍ୱର ୩ ନମ୍ବର ୟାମାଗୁଚି ୨୧–୧୪, ୨୧–୧୪ରେ ଭାରତୀୟ ଖେଳାଳି ତନ୍ୱୀ ଶର୍ମାଙ୍କୁ ପରାସ୍ତ କରିଥିଲେ। ୟାମାଗୁଚିଙ୍କ ବିପକ୍ଷରେ ବିଜୟ ବ୍ୟବଧାନ ୧୫–୧୩ ଥିବାରୁ ସିନ୍ଧୁ ଫାଇନାଲ୍ ପ୍ରବେଶ ଆଶାରେ ଅଛନ୍ତି।

ରାଜ୍ୟ ଖବର

ମାଗଣା ସ୍ୱାସ୍ଥ୍ୟ ଶିବିର ଓ ସଚେତନତା ସଭା

ଗୋପ, ୧୨।୬ (ନି.ପ୍ର): ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଜଗଲବରୀ ପଞ୍ଚାୟତର ବିଷ୍ଣୁଳିପଡ଼ା ଗ୍ରାମରେ କୋଣାର୍କ ସେବା ଫାଉଣ୍ଡେସନ ଏବଂ ଭୁବନେଶ୍ୱର ହାଇଟେକ ହସ୍ପିଟାଲର ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ସେବା ଫାଉଣ୍ଡେସନର ସଭାପତି ରାକେଶ ରୋଷଣ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରକୁ ଅତିଥିମାନେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଣୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶାରଳା



ଆବାସିକା ମହାବିଦ୍ୟାଳୟର ପ୍ରତିଷ୍ଠାତା ଚିତରଞ୍ଜନ ପରିଡା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବିଷ୍ଣୁଳିପଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ସାହୁ ଏବଂ ପୂର୍ବୋଦୟ ସଂଯୋଜକ ଜ୍ଞାନରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ସଚେତନତା ସଭାକୁ ସମାଜସେବୀ କାଳୀ ପ୍ରସାଦ ସ୍ୱାଇଁ ସୁତାରୁରୁପେ ପରିଚାଳନା କରିଥିଲେ। ରାଜ୍ୟର ଗରିବ ଓ ନିରୀହ ଲୋକମାନେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଥିବା ଦେଖି ଅନୁଷ୍ଠାନ ପକ୍ଷରୁ ଏହି ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଶିବିରରେ ଭୁବନେଶ୍ୱର ହାଇଟେକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ରୋଗୀ ସେବା ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେମେଡିସିନ ବିଭାଗ ଡାକ୍ତର ସନ୍ଦୀପ କୁମାର ସ୍ୱାଇଁ, ଅସ୍ଥିଶଲ୍ୟ (ଅର୍ଥୋପେଡିକ) ବିଭାଗ ଡାକ୍ତର ସନ୍ଦୀପ କୁମାର ରାଉତ, ଚକ୍ଷୁ ବିଭାଗ ବିଶେଷଜ୍ଞ ଡାକ୍ତର ଦେବଦତ୍ତ ପାଢ଼ୀ, ଶିଶୁ ରୋଗ ବିଭାଗ ଡାକ୍ତର ମୋନାଲିସା ସାହୁ, ଦନ୍ତ ଚିକିତ୍ସା ବିଭାଗ ଡାକ୍ତର ଦେବଦର୍ଶୀ ବେବର୍ତ୍ତା ଓ ଡାକ୍ତର ସୂର୍ଯ୍ୟକାନ୍ତ ସାମଲ ଏହି ବିଶେଷଜ୍ଞ ଦଳ ଏବଂ ସେମାନଙ୍କ ସହଯୋଗୀମାନେ ଉପସ୍ଥିତ ରହି ରୋଗୀମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ।

ପୂର୍ବତନ ପ୍ରଧାନ ଶିକ୍ଷକ ଓ ସମାଜସେବୀଙ୍କ ସ୍ମୃତିଚାରଣ



ନିମାପଡା,୧୨।୬(ନି.ପ୍ର): ବିଶିଷ୍ଟ ସମାଜସେବୀ, ପୂର୍ବତନ ପ୍ରଧାନଶିକ୍ଷକ ତଥା ବିଜେଡି ଜିଲ୍ଲା ପରିଷଦସଭ୍ୟା କୁଜଂଲତା ସାମଲଙ୍କ ସ୍ୱାମୀ ସ୍ୱର୍ଗତ ଗୋପାଳ ଚନ୍ଦ୍ର ସାମଲଙ୍କ ଏକାଦଶାହ ଅବସରରେ ନିମାପଡା ଶ୍ରୀରାମ ମଣ୍ଡପରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ବିଜେଡି ବ୍ଲକ ସଭାପତି ଭାଗ୍ୟଧର ଖଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଅତିଥିଭାବେ ଉପ–ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପୂର୍ବତନମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଂଟିଆ, ପୁରୀ ଜିଲ୍ଲା ବିଜୁଜନତାଦଳ ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲ୍ଲା ମହିଳାସଭାନେତ୍ରୀ କସୁରୀବାଳା ସ୍ୱାଇଁ, ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ଗୋପବ୍ଲକ ଅଧକ୍ଷା ଝୁନୁଲତା ମଲ୍ଲିକ, କାଉନସିଲର ଧନୁର୍ଦ୍ଧର ଦାସ, ନୀରଜଂନ ନାୟକ, ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ନିମାପଡା ଏନଏସି ପ୍ରତିନିଧି ମୀନଲତା ସ୍ୱାଇଁ, ଯୁବନେତା ଦିଲ୍ଲୀପ କୁମାର ପାତ୍ର, ମାନସ କୁମାର ପ୍ରଧାନ, ଅଶୋକ ସାହୁ, ଜିଲ୍ଲାପରିଷଦସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, କୃପାସିନ୍ଧୁ ଦତ, ରବୀନ୍ଦ୍ର କୁମାର ବାନାର୍ଜୀ, କାହ୍ନୁ ଚରଣ ସାହୁଙ୍କ ସମେତ ବହୁ ରାଜନେତା, ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ, ଶିକ୍ଷାବିତ୍ ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ସାମଲଙ୍କ ସ୍ମୃତି ଚାରଣ କରିଥିଲେ ।

ଦ. ପୂ ରେଳପଥ – ଚେଣ୍ଡର

ଟେଣ୍ଡର ନୋଟିସ୍ ନଂ. TRD-KGP-W-2026-27-09RT ତାରିଖ: **୧୧.୦୬.୨୦୨୬.** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ସିନିୟର ଡିଭିଜନାଲ ଇଲେକଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଖଡଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖର ୧୫:୦୦ ଘଣ୍ଟା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ଏହି ଟେଣ୍ଡର ଖୋଲିବା ସମୟ ୧୫:୩୦ ଘଣ୍ଟା। **କାର୍ଯ୍ୟସୂଚିରର ବିବରଣୀ:** ପଦ୍ମପୁକୁର–ଲାଇନ୍ ନଂ. ୧୦ ନିକଟରେ ଏକ ଅତିରିକ୍ତ ଲୁପ୍ ଲାଇନର ବ୍ୟବସ୍ଥା ପାଇଁ ୟାର୍ଡ ରୂପାନ୍ତରଣ ଏବଂ ଡେଡ୍ ଏଣ୍ଡ ଲାଇନ୍ ନଂ. ୧୦କୁ ଦୁଇ ପଟୁ ପ୍ରବେଶ ଓ ପ୍ରସ୍ଥାନ ସୁବିଧା ସହିତ ଲୁପ୍ ଲାଇନରେ ରୂପାନ୍ତରଣ ଓ ଏହା ସହିତ କୋଚିଂ ଫିଟ୍ ହେବା ପାଇଁ ଏଲ୍ ନଂ. ୬ ର ଦୁଇ ପଟରେ ୮.୫ରେ ୧ କ୍ରସ୍–ଓଭରକୁ ୧୨ରେ ୧କୁ ପରିବର୍ତ୍ତନ (ପଦ୍ମପୁକୁର ୟାର୍ଡର ଲାଇନ୍ ନଂ. ୬ ର ଦୁଇ ପଟରେ ୮.୫ରେ ୧ କ୍ରସ୍–ଓଭରକୁ ୧୨ରେ ୧କୁ ପରିବର୍ତ୍ତନ, ଲାଇନ୍ ନଂ. ୧୦ ନିକଟରେ ଏକ ଅତିରିକ୍ତ ଲୁପ୍ ଲାଇନ୍ ବ୍ୟବସ୍ଥା ଓ ଲାଇନ୍ ନଂ.୧୦କୁ ପଦ୍ମପୁକୁର ୟାର୍ଡରେ ଦୁଇ ଦିଗରୁ ପ୍ରବେଶ ଓ ପ୍ରସ୍ଥାନ ସୁବିଧା ସହିତ ପୂର୍ଣ୍ଣ ଲମ୍ବ ଲୁପ୍ ଲାଇନରେ ପରିବର୍ତ୍ତନ ଓ ଏତଦ୍ଭିର ବ୍ୟବସ୍ଥା।) **ଟେଣ୍ଡର ମୂଲ୍ୟ:** ଟ. ୧,୦୮,୦୫,୯୧୮.୩୦, **ଅମାନତ ରାଶି ଜମା:** ଟ. ୨,୧୬,୧୦୦/–, **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ଶୂନ୍ୟ, **ଟେଣ୍ଡର ଖୋଲିବା ସମୟ:** ୦୬.୦୭.୨୦୨୬, **କାର୍ଯ୍ୟ ସଂପୂର୍ଣ୍ଣ ହେବା ସମୟ:** ୧୨ ମାସ, ବାଖଲ ତାରିଖ: ୦୬.୦୭.୨୦୨୬ର ୧୫:୦୦ ଘଣ୍ଟା। ଆଗ୍ରହୀ ଟେଣ୍ଡରଦାତାମାନେ ସଂପୂର୍ଣ୍ଣ ବିବରଣୀ,ବର୍ଣ୍ଣନା,ଟେଣ୍ଡରର ବିଶେଷତ୍ୱ ଜାଣିବା ପାଇଁ ୱେବସାଇଟ୍ www.ireps.gov.in ଦେଖନ୍ତୁ ଏବଂ ଅନଲାଇନରେ ସେମାନଙ୍କ ବିଡ୍ ଦାଖଲ କରନ୍ତୁ । କୌଣସି ବି ପରିସ୍ଥିତିରେ ଏହି କାର୍ଯ୍ୟ ଲାଗି ବ୍ୟକ୍ତିଗତ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ଆଗ୍ରହୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ "www.ireps.gov.in" କୁ ଦେଖନ୍ତୁ।

(PR-318)

ସୁନା ଗହଣା ସହିତ ଲକ୍ଷାଧିକ ଟଙ୍କା ଲୁଟ୍

କଣ୍ଟିଲୋ,୧୨।୬(ନି.ପ୍ର): ନୟାଗଡ଼ ଜିଲ୍ଲାର ଫତେଗଡ଼ ଥାନା ଅଧୀନ ଭାପୁର ଗ୍ରାମର ପୂର୍ବତନ ସରପଞ୍ଚ କାର୍ତ୍ତିକ ନାୟକଙ୍କ ଘରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ବହୁ ମୂଲ୍ୟବାନ ସାମଗ୍ରୀ ସମେତ ସୁନା ଅଳଙ୍କାର ସବୁ କିଛି ଚୋରି କରି ନେଇଥିବା ନେଇ ଫତେଗଡ଼ ଥାନାରେ କାର୍ତ୍ତିକ ବୁଧବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ହେଁ ଘଟଣାର ୨ ଦିନ ପରେ ମଧ୍ୟ ପୁଲିସ ଚୋରି ହୋଇଥିବା ସାମଗ୍ରୀ ଗୁଡ଼ିକୁ ଉଦ୍ଧାର କରି ପାରିନାହିଁ କି ଦୁର୍ବୃର୍ତ୍ତଙ୍କ ସଂର୍ପକରେ କୌଣସି ଟେର ପାଇ ପାରି ନଥିବା ଜଣାପଡିଛି। ତେବେ ଦୁର୍ବୃତ୍ତମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଥିବା ବେଳେ ପାରିପାର୍ଶ୍ୱିକ ତଥ୍ୟକୁ ଆଧାର କରି ପୁଲିସ ଘଟଣାର ଖୋଳତାଡ କରିବାକୁ ଅଭିଯୋଗକାରୀଙ୍କ ପରିବାରବର୍ଗ ଦାବି କରିଛନ୍ତି। ପ୍ରକାଶଥାଉକି ଭାପୁର ଫାଣ୍ଡି ଠାରୁ ମାତ୍ର କିଛି ଦୁରରେ ଦୁର୍ବୃର୍ତ୍ତମାନେ ସଂଘବଦ୍ଧ ଭାବେ ଏଭଳି ଘଟଣା ଘଟାଇବାକୁ କିଭଳି ସାହସ ଜୁଟାଇଲେ ସେ ନେଇ ଏବେ ସବୁଠି ଚର୍ଚ୍ଚା ହେଉଛି।

ଲକ୍ଷ୍ମୀପ୍ରିୟା ରଖିଲେ ସାହିତ୍ୟରେ ୧୦୦ ରୁ ୧୦୦

କାକଟପୁର, ୧୨।୬ (ନି.ପ୍ର): କାକଟପୁର ନିମାପଡା ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାନ ଯୁକ୍ତ ୨ ପରକ୍ଷାରେ କୃତିତ୍ୱ ଅର୍ଜନ କରି ସମଗ୍ର ଅଂଚଳ ପାଇଁ ଗୌରବ ଅର୍ଜନ କରିପାରିଛି। ଉକ୍ତ ଶିକ୍ଷାନୁଷ୍ଠାନ ରେ (୫୫) ଜଣ ଛାତ୍ର ଛାତ୍ରୀ ମାତୃଭାଷା (ସାହିତ୍ୟ) ରେ ସତକତା (୯୦%) ରଖିଥିବା ବେଳେ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ସାହିତ୍ୟରେ (୧୦୦) ରୁ (୧୦୦) ରଖି କୃତିତ୍ୱ ଅର୍ଜନ କରିଛନ୍ତି। ଗଗନ ସାରଙ୍କ ଶିକ୍ଷାଦାନରେ ଏହି

ସଫ